## ମୁଖ୍ୟ ସଚିବ, ଦିଲ୍ଲୀ ଏବଂ ଅନ୍ୟମାନଙ୍କ ମାଧ୍ୟମରେ

## ଦିଲ୍ଲୀ ପ୍ରଶାସନ (ବର୍ତ୍ତମାନ ଏନ୍.ସି.ଟି. ସରକାର ଦିଲ୍ଲୀ)

## ବନାମ

## ନନ୍ଦ ଲାଲ ପନ୍ତ ଏବଂ ଅନ୍ୟଜଣେ

ଜୁଲାଇ 7, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ପଦୋନ୍ନତି – ଉତ୍ତରଦାତା, ଜଣେ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ଏହିପରି ନିଶ୍ଚିତ ହୋଇଥିଲେ – ସ୍ନାତକୋତ୍ତର ଶିକ୍ଷକ (ସଂସ୍କୃତ) ଙ୍କ ପଦବୀ ଉତ୍ପନ୍ନ ହେବା – ତାଙ୍କ ଯୋଗ୍ୟତାକୁ ଦୃଷ୍ଟିରେ ରଖି, ତାଙ୍କୁ ଉକ୍ତ ପଦବୀରେ ପଦାସୀନ ହେବାକୁ କୁହାଯାଇଥିଲା – ପଦୋନ୍ନତି ପାଇଁ ବାରମ୍ବାର ନିବେଦନ – ପ୍ରତ୍ୟାଖ୍ୟାନ କରାଯାଇଥିଲା – ଲିଖିତ ଆବେଦନ ଦାଖଲ କରାଯାଇଥିଲା – ଉଚ୍ଚ ନ୍ୟାୟାଳୟ ସେ ପଦାସୀନ ହୋଇଥିବା ତାରିଖ ଠାରୁ ସମସ୍ତ ଫଳସ୍ୱରୂପ ସୁବିଧାଗୁଡ଼ିକ ସହିତ ତାଙ୍କୁ ପଦୋନ୍ନତି ଦେବାକୁ, ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ – ଅପିଲ ଉପରେ ଦର୍ଶାଯାଇଥିଲା, ଯଦିଓ ଟିଜିଟି (ସାଧାରଣ)ରୁ ପିଜିଟି(ସଂସ୍କୃତ) ଏବଂ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ପଦବୀକୁ ପଦୋନ୍ନତିର କୌଣସି ସିଧାସଳଖ ପ୍ରଣାଳୀ ନାହିଁ, ତଥାପି, ଯେହେତୁ ଉତ୍ତରଦାତା 1986 ମସିହା ଠାରୁ ପିଜିଟି (ସଂସ୍କୃତ) ରେ କାର୍ଯ୍ୟ କରିଆସୁଥିଲେ, ଦିଲ୍ଲୀ ପ୍ରଶାସନ ତାଙ୍କୁ ପିଜିଟି (ସଂସ୍କୃତ) ର ଏକ ଆବଶ୍ୟକତା ଠାରୁ ଅଧିକ ପଦବୀ ସୃଷ୍ଟି କରିବା ଏବଂ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ତାଙ୍କୁ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅନୁମତି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ – ପଦବୀ ସୃଷ୍ଟି ହେବା ତାରିଖ ଠାରୁ ପିଜିଟି (ସଂସ୍କୃତ) ର ବେତନ ହାର ପାଇଁ ହକଦାର ଅଟନ୍ତି – ଯେହେତୁ କେବଳ ଅର୍ଜିତ ଯୋଗ୍ୟତା ଆଧାରରେ କିମ୍ବା ଉଚ୍ଚତର ପଦବୀରେ ପଦାସୀନ ହେବା ଆଧାରରେ କେହି ନିୟମିତ ପ୍ରଣାଳୀକୁ ଏଡ଼ାଇଦେବାକୁ ହକଦାର ନୁହଁନ୍ତି, ଅନ୍ୟ କୌଣସି ମାମଲାରେ ପୂର୍ବ ଦୃଷ୍ଟାନ୍ତ ଭାବରେ ବିବେଚନା କରାଯିବ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 4615/1997 ।

ସି.ଡବ୍ଲ୍ୟୁ. ସଂଖ୍ୟା 3794/1993ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କର 31.7.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଅତିରିକ୍ତ ସଲିସିଟର ଜେନେରାଲ ଏ. ଏମ୍. ସିଂଘଭି ଏବଂ ଡି.ଏସ୍. ମେହେରା ।

ଉତ୍ତରଦାତାମାନଙ୍କ ପାଇଁ ରାଜେଶ ଗୋଏଲ ଏବଂ ଏସ୍. କେ. ମିଶ୍ର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା । ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ପ୍ରଥମ ଉତ୍ତରଦାତା, ନନ୍ଦ ଲାଲ ପନ୍ତଙ୍କୁ ସେପ୍ଟେମ୍ବର 28,1974 ରେ ଜଣେ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ପଦବୀରେ 250-550/- ଟଙ୍କା ବେତନ ହାରରେ ନିଯୁକ୍ତ କରାଯାଇଥିଲା । ସେହି ପଦବୀରେ ତାଙ୍କୁ ନିଶ୍ଚିତ କରାଯାଇଥିଲା । ଜଣେ ଏସ୍.ଏନ୍. ଶାସ୍ତ୍ରୀଙ୍କ ଅବସର ଗ୍ରହଣ ପରେ ସ୍ନାତକୋତ୍ତର ଶିକ୍ଷକ (ସଂସ୍କୃତ) ପଦବୀ ଖାଲି ପଡ଼ିଥିଲା । ଯେହେତୁ ପ୍ରଥମ ଉତ୍ତରଦାତାଙ୍କର ସଂସ୍କୃତର ଯୋଗ୍ୟତା ଥିଲା, ତାଙ୍କୁ ଉକ୍ତ ସ୍ନାତକ ଶିକ୍ଷକ (ସଂସ୍କୃତ) ପଦବୀରେ ପଦାସୀନ ହେବାକୁ କୁହାଯାଇଥିଲା । ଉକ୍ତ ପଦବୀକୁ ପଦୋନ୍ନତି ପାଇଁ ସେ ସମୟକୁ ସମୟ ନିବେଦନ କରିଥିଲେ । ଯେହେତୁ ଏହାକୁ ଏହି

ଆଧାରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ, ଟିଜିଟି ସବର୍ଗରୁ ପିଜିଟି, ସଂସ୍କୃତ ସବର୍ଗକୁ ପଦୋନ୍ନତିର କୌଣସି ପ୍ରଣାଳୀ ନଥିଲା । ଫଳସ୍ୱରୂପ, ସେ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ସଂଖ୍ୟା 3794/93 ଦାଖଲ କରିଥିଲେ । ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଜୁଲାଇ 31,1996 ରେ ଏକ ଆକ୍ଷେପିତ ରାୟ ଦ୍ୱାରା ରିଟ୍ ଆବେଦନକୁ ଅନୁମତି ଦେଇଥିଲେ ଏବଂ ତାଙ୍କୁ ସମସ୍ତ ଆନୁଷଙ୍ଗିକ ସୁବିଧା ସହିତ 1986 ଠାରୁ ପଦୋନ୍ନତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ବର୍ତ୍ତମାନ ପ୍ରଥମ ଥର ପାଇଁ ଯେ, ଆବେଦନକାରୀ (ରିଟ୍ ଆବେଦନରେ ଉତ୍ତରଦାତା) ଙ୍କ ଦ୍ୱାରା ଆଭିମୁଖ୍ୟ ଗ୍ରହଣ କରାଯାଇଛି ଯେ, ଡିସେମ୍ବର 22,1992 ତାରିଖର ଚିଠି ଦ୍ୱାରା ବିଦ୍ୟାଳୟକୁ ସୂଚନା ଦିଆଯାଇଥିଲା ଯେ, ଉପ ନିର୍ଦ୍ଦେଶକ (ପୂର୍ବ) "ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ପିଜିଟି (ସଂସ୍କୃତ) ପାଇଁ ନିକାସ ମଞ୍ଜୁର କରିବାକୁ ସନ୍ତୁଷ୍ଟ ହୋଇଥିଲେ ।" ତଦନୁସାରେ ଏହା ଜଣାପଡ଼ିବ ଯେ, ଅନୁସୂଚିତ ଜାତିର ଜଣେ ରାଜବୀର ସିଂଙ୍କୁ ସେପ୍ଟେମ୍ବର 30,1993 ଠାରୁ ନିଯୁକ୍ତ କରାଯାଇଥିଲା ଏବଂ ସେ ଉକ୍ତ ପଦବୀରେ କାର୍ଯ୍ୟ କରୁଥିଲେ । ନିଯୁକ୍ତି ନିୟମାବଳୀ ଅନୁଯାୟୀ, ଟିଜିଟି (ସାଧାରଣ) ରୁ ପିଜିଟି (ସଂସ୍କୃତ) କୁ ପଦୋନ୍ନତିର କୌଣସି ସିଧାସଳଖ ପ୍ରଣାଳୀ ନାହିଁ । ଫଳସ୍ୱରୂପ, ଅଧିକାର ଦୃଷ୍ଟିରୁ ପ୍ରଥମ ଉତ୍ତରଦାତା ପିଜିଟି (ସଂସ୍କୃତ) ଭାବରେ ପଦୋନ୍ନତି ପାଇବାକୁ ହକଦାର ନୁହଁନ୍ତି, ତାହା ମଧ୍ୟ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଥିବା ପଦବୀରେ । କିନ୍ତୁ ଯେହେତୁ ପ୍ରଥମ ଉତ୍ତରଦାତା ଜୁନ୍, 1986 ରୁ ପିଜିଟି (ସଂସ୍କୃତ) ରେ କାର୍ଯ୍ୟ କରୁଛନ୍ତି, ଯେତେବେଳେ ଏହି ପଦବୀ ଖାଲି ପଡ଼ିଥିଲା, ତଥ୍ୟ ଏବଂ ପରିସ୍ଥିତିରେ, ଆମେ ବିଚାର କରୁଛୁ ଯେ, ଅପିଲକାରୀମାନଙ୍କୁ ପିଜିଟି (ସଂସ୍କୃତ) ର ଏକ ଆବଶ୍ୟକତା ଠାରୁ ଅଧିକ ପଦବୀ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେବାକୁ ପଡ଼ିବ ଏବଂ ପ୍ରଥମ ଉତ୍ତରଦାତାଙ୍କୁ ଅବସର ନେବା ପର୍ଯ୍ୟନ୍ତ ସେହି ପଦବୀରେ ରହିବାକୁ ଅନୁମତି ଦେବାକୁ ପଡ଼ିବ । ଏହି ପଦବୀକୁ ଯଥାସ୍ଥିତି ଯେ କୌଣସି ବିଦ୍ୟାଳୟ କିମ୍ବା ନିର୍ଦ୍ଦେଶାଳୟରେ ସୃଷ୍ଟି କରାଯାଇପାରିବ । ଏହି ପଦବୀ ସୃଷ୍ଟି ହେବା ଦିନଠାରୁ ସେ ପିଜିଟି (ସଂସ୍କୃତ) ର ବେତନ ହାର ପାଇବାକୁ ହକଦାର ହେବେ । ଆବଶ୍ୟକତା ଠାରୁ ଅଧିକ ପଦବୀ ସୃଷ୍ଟି କରି ତାଙ୍କୁ ସମାଯୋଜନ କରିବା ଏବଂ ପ୍ରଥମ ଉତ୍ତରଦାତାଙ୍କୁ ସେହି ପଦବୀରେ ରହିବାକୁ ଅନୁମତି ଦେବା ପାଇଁ ଏହି ନିର୍ଦ୍ଦେଶକୁ ଅନ୍ୟ କୌଣସି ମାମଲାରେ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବିବେଚନା କରାଯିବା ଉଚିତ ନୁହେଁ । କେବଳ ଅର୍ଜିତ ଯୋଗ୍ୟତା କିମ୍ବା ଉଚ୍ଚତର ପଦବୀରେ ପଦାସୀନ ହେବାର ଆଧାରରେ କେହି ନିୟମିତ ପ୍ରଣାଳୀକୁ ଏଡ଼ାଇଦେବାକୁ ହକଦାର ନୁହଁନ୍ତି ।

ତଦନୁସାରେ ଅପିଲଟିର ପରିସମାପ୍ତି କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲର ପରିସମାପ୍ତି ଘଟିଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ